मन की बात 100

MANN KI BAAT 100

2023

# ମନ୍ କୀ ବାତ୍

ଭାଗ.6



# MANN KI BAAT
## VOL.6


**Authors**
Sarda Mohan and Tanushree Banerji

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha



**Published by**
Amar Chitra Katha Pvt. Ltd

ODIA

ISBN – 978-81-966921-7-9

Amar Chitra Katha Pvt. Ltd, September 2023



© Ministry of Culture, Govt of India, September 2023

All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**, a unique learning platform that brings these stories to your school with a range of workshops. Find out more at **www.acklearn.com** or write to us at **acklearn@ack-media.com**.

କେହି ଜଣେ ଯଦି କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସେ କ'ଣ କରନ୍ତି? ଆମ ଭିତରୁ କେତେକ ହୁଏତ ସମସ୍ୟାକୁ ଅଣଦେଖା କରିଯିବେ, କେତେ ଜଣ ଏ ସଂପର୍କରେ ଚିନ୍ତିତ ହେବେ, କିନ୍ତୁ କିଛି କରିବେ ନାହିଁ ଏବଂ ଆଉ କେତେକ ଏହାର ସମାଧାନ ଖୋଜିବେ ।

ବବିତା ରାଜପୁତ ସମାଧାନ ଖୋଜିଲେ ।

ଯେତେବେଳେ ତାଙ୍କ ଗାଁର ହ୍ରଦଟି ଶୁଖିଗଲା ଏବଂ ପାଣି ଆଣିବା ଲାଗି ଲୋକଙ୍କୁ ମାଇଲ ମାଇଲ ବାଟ ଚାଲିବାକୁ ପଡ଼ିଲା, ବବିତା ସ୍ଥିର କଲେ ଯେ, ସେ ପାଣି ଆଣି ପୁଣି ହ୍ରଦରେ ଭରିଦେବେ । ନା, ବାଲ୍‌ଟି ବାଲ୍‌ଟି କରି ନୁହେଁ କି ପାଇପ୍ ଜରିଆରେ ନୁହେଁ, ସେଠାରେ ଥିବା ଗୋଟିଏ ଉଚ୍ଚ ପାହାଡ଼କୁ କାଟି ତା' ଆରପଟେ ଥିବା କେନାଲରୁ ହ୍ରଦକୁ ପାଣି ଆଣିବା ପାଇଁ ବାଟ ତିଆରି କରିବେ ।

ଏତେ ବଡ଼ କାମ କରିବା ପାଇଁ ତାଙ୍କୁ ଗାଁର 200 ମହିଳାଙ୍କ ସହାୟତା ମିଳିଲା । ସେମାନେ ନିଜ ନିଜକୁ 'ଜଲ୍ ସହେଲି' ବା ଜଳର ବାନ୍ଧବୀ ନାମରେ ପରିଚିତ କରାଇଲେ । ସେମାନେ ଏକତ୍ର ହୋଇ 18 ମାସରେ ପାଣି ପାଇଁ ବାଟଟିଏ ଖୋଲିଲେ ଏବଂ କେବଳ ହ୍ରଦରେ ନୁହେଁ, ବରଂ ଗାଁର ନଳକୂପଗୁଡ଼ିକରେ ବି ପାଣି ଭରିଦେଲେ ।

କୌଣସି ସମସ୍ୟାକୁ ଅଣଦେଖା କରିଦେଲେ ତାହା ଚାଲିଯାଏନା । ତାହା ଅଟକି ରହେ ଏବଂ ବଡ଼ରୁ ଆହୁରି ବଡ଼ ହେବାରେ ଲାଗେ ।

ସମସ୍ୟା ଲାଗି ଚିନ୍ତିତ ହେଲେ ବି ଲାଭ ମିଳେନା । ଚିନ୍ତିତ ହୋଇପଡ଼ିବା କୌଣସି ଝୁଲା ଚଉକିରେ ବସି ଜୋରରେ ଝୁଲିଲା ଭଳି କଥା । ଏଥିରେ ଆପଣ ସେହି ଏକା ସ୍ଥାନରେ ହିଁ ରହିଯିବେ । ଆପଣ ଆଗକୁ ଯିବେନାହିଁ କି ପଛକୁ ଯିବେନାହିଁ ।



ସବୁ ସମସ୍ୟାର ସମାଧାନ ଥାଏ । ଆପଣଙ୍କୁ କେବଳ ସମାଧାନ ଖୋଜିବାକୁ ପଡ଼ିବ ଏବଂ ଆପଣ ତାହା ପାଇଯିବେ ।

ଆଜି ମୋତେ କଥା ଦିଅନ୍ତୁ ଯେ, ଯେତେବେଳେ ବି ଆପଣ ଜୀବନରେ କୌଣସି ସମସ୍ୟାର ସମ୍ମୁଖୀନ ହେବେ, ନିଜକୁ ତାହା କବଳରେ ଛାଡ଼ି ଦେବେନି । ଆପଣ ତାକୁ ଅତିକ୍ରମ କରି ଆଗେଇ ଯିବେ ।

# ସୂଚୀପତ୍ର


| | | |
|---|---|---|
| 1 | ଇସମାଇଲଭାଇ ଶେରୁ | 3 |
| 2 | ତୋଙ୍ଗବ୍ରମ ବିଜିୟାଶାନ୍ତି | 6 |
| 3 | କଳ୍ପନା | 9 |
| 4 | ଏ-ପରିସରା | 12 |
| 5 | ବବିତା ରାଜପୁତ | 15 |
| 6 | ଶର୍ମିଳା ଓସୱାଲ | 18 |
| 7 | ବିଜୟ କୁମାର କବି | 21 |
| 8 | ସିଲୁ ନାୟକ | 24 |
| 9 | ସେଣ୍ଟ ଟେରେସା'ସ୍ କଲେଜ | 27 |
| 10 | କମଳା ମହାରଣା | 30 |

# ଇସମାଇଲଭାଇ ଶେରୁ



ନାୟାର ସାର୍‌ଙ୍କର କ୍ଲାସ୍ ଚାଲିଥିଲା ଏବଂ ଆଉ ଏକ 'ମନ୍ କୀ ବାତ୍' କାହାଣୀକୁ ଛାତ୍ରଛାତ୍ରୀମାନେ ଅପେକ୍ଷା କରିଥିଲେ ।
ପ୍ରବଳ ବର୍ଷା ଯୋଗୁଁ ଚାଷୀମାନଙ୍କର ଅନେକ କ୍ଷତି ହୋଇଥିବା କଥା ତୁମେମାନେ ପଢ଼ିଛ କି ?
ହଁ, ମୋ ବାପା ମୋତେ କହୁଥିଲେ ଯେ କେମିତି ପାଗ ଖରାପ ହେଲେ ପୂରା ଫସଲ ନଷ୍ଟ ହୋଇଯାଏ ।
ତୁମ ବାପା ଠିକ୍ କହିଛନ୍ତି, ପୂଜା । ଚାଷବାସ ବୃତ୍ତିରେ ବିପଦ ଦେଖାଦେଇପାରେ...
... କିନ୍ତୁ, ଆଜି ଆମେ ଏମିତି ଜଣେ ଚାଷୀଙ୍କ ସଂପର୍କରେ ଜାଣିବା, ଯିଏ ପ୍ରମାଣ କରିଦେଲେ ଯେ, ନୂଆ ନୂଆ ଉପାୟ ବଳରେ ଚାଷବାସ ବି ଲାଭଦାୟକ ହୋଇପାରେ । ସେ ହେଉଛନ୍ତି ଇସମାଇଲଭାଇ ଶେରୁ, ଗୁଜରାଟର ରାମପୁରା ଗାଁର ଜଣେ ଚାଷୀ ।
ଇସ୍‌ମାଇଲ ଗୋଟିଏ ଚାଷୀ ପରିବାରରେ ଜନ୍ମ ନେଇଥିଲେ
ସବୁଆଡ଼େ ସମାନ ଭାବରେ ସାର ପଡୁଛି କି ନାହିଁ ଦେଖୁଥାଅ ।
ମୁଁ ଯେତେବେଳେ ବଡ଼ ହେବି, ମୁଁ ବି ମୋ ବାପାଙ୍କ ଭଳି ଜଣେ ଚାଷୀ ହେବି ।


ସେଥିରେ ବି ସମସ୍ୟା ଥିଲା ।
ଏ ବର୍ଷ ମଧ୍ୟ ଭଲ ବର୍ଷା ହେଲାନି । ମୂଲିଆ ମଜୁରି ଦେବା ପରେ ଆମ ପାଖରେ ଆଉ କିଛି ବଳିବ ନାହିଁ ।
ଗତ ଦୁଇ ବର୍ଷ ହେଲା ଏମିତି ହିଁ ହେଉଛି । କେବେ ଆଉ ଆମେ ଏହି କ୍ଷତିଭରଣା କରିବା ?
ଇସମାଇଲଙ୍କ ବୟସ ବଢ଼ିବା ସହିତ ଚାଷବାସ ପ୍ରତି ତାଙ୍କର ଆଗ୍ରହ ବି ବଢ଼ିଲା ।
ବାପା, ମୁଁ ଏବେ ବଡ଼ ହୋଇଗଲିଣି । ଚାଷକାମରେ ସାହାଯ୍ୟ କରିପାରିବି ।
ନାହିଁରେ ପୁଅ, ସେଥିରେ ଆଉ କିଛି ନାହିଁ, ଖାଲି କ୍ଷତି ହେବ । ତୁ କ'ଣ ଜାଣିନୁ ମୋ ଉପରେ କେତେ ଋଣ ହେଲାଣି? ସହରକୁ ଯାଆ, ଆଉ ଭଲ ଚାକିରିଟିଏ ଦେଖ ।
ଇସମାଇଲଙ୍କ ସ୍ୱପ୍ନକୁ ସମସ୍ତେ ହତୋତ୍ସାହିତ କଲେ..
ତୁମେ ତୁମ ବାପାମାଆଙ୍କ କଥା ଶୁଣିବା ଉଚିତ । ଚାଷବାସରେ ମନ ବଳାଅନି ।
... କିନ୍ତୁ ସେ ଶୁଣନ୍ତି ନାହିଁ ।
ସମସ୍ତେ ଯଦି ଏମିତି ଭାବିବେ, ତା'ହେଲେ ଆଉ କେହି ଚାଷୀ ରହିବେ ନାହିଁ ! ଚାଷବାସ ଯେ ଏକ ଲାଭଦାୟକ ବୃତ୍ତି. ଏକଥାକୁ ମୁଁ ଦୁନିଆ ଆଗରେ ପ୍ରମାଣିତ କରିଦେବି ।
ଇସମାଇଲ ତାଙ୍କ ଜମିରେ ଆଳୁ ଚାଷ କରିବାକୁ ନୂଆ ନୂଆ ପଦ୍ଧତି ଉପଯୋଗ କଲେ ।
ମୁଁ ସିଞ୍ଚନ ଜଳସେଚନ ବଦଳରେ ବୁନ୍ଦା ଜଳସେଚନ ପଦ୍ଧତି ଅବଲମ୍ବନ କଲି ଏବଂ ଏହା ଫଳରେ ପାଣି ନଷ୍ଟ ହେଲା ନାହିଁ ଏବଂ ଉପଯୁକ୍ତ ଭାବରେ ସାର ବ୍ୟବହୃତ ହୋଇପାରିଲା ।
ତାହା ଖୁବ୍ ବଢ଼ିଆ ଚିନ୍ତାଧାରା, ଇସମାଇଲ !


ତାଙ୍କର ଏହି ନୂଆ ପଦ୍ଧତି ସଫଳ ହେଲା ଏବଂ ଖୁବ୍ ଶୀଘ୍ର ଉଚ୍ଚ ଗୁଣମାନର ଆଳୁ ଚାଷ କରି ସେ ପରିଚିତ ହେଲେ ।
ଏ ବର୍ଷ ଖୁବ୍ ବଢ଼ିଆ ଫସଲ ହୋଇଛି । ଖର୍ଚ୍ଚ ଓ ନଷ୍ଟ ପରିମାଣ କମିଥିବାରୁ, ମୁଁ ବେଶ୍ ଭଲ ଲାଭ ପାଇପାରିଛି ।
ଯେବେ ତାଙ୍କର ଫସଲ ବିକିବା ସମୟ ଆସିଲା –
ଆପଣଙ୍କ ସହିତ ବ୍ୟବସାୟ କରି ଖୁବ୍ ଆନନ୍ଦ ଲାଗୁଛି, ମିଷ୍ଟର ଇସମାଇଲ। ଆପଣ ଆମ କମ୍ପାନୀକୁ ସିଧାସଳଖ ଆସିଥିବାରୁ ମୁଁ ଖୁସି ।
ଆଚ୍ଛା, ମୁଁ ଏବେ ବୁଝିପାରିଲି ଯେ ମଧ୍ୟସ୍ଥଙ୍କୁ ଯୋଗୁଁ ଚାଷୀମାନେ ବହୁତ କ୍ଷତି ସହୁଛନ୍ତି ।
ସେହିଦିନଠାରୁ ଇସମାଇଲ ତାଙ୍କର ଉଚ୍ଚ ଗୁଣମାନର ଫସଲକୁ ଅନେକ ବଡ଼ ବଡ଼ କମ୍ପାନୀକୁ ବିକିଛନ୍ତି, ତାହା ବି ବିନା କୌଣସି ମଧ୍ୟସ୍ଥରେ ।
ବାପା, ଏ ବର୍ଷର ଲାଭରେ ମୁଁ ତୁମର ପୁରୁଣା ଋଣ ଶୁଝି ଦେଇଛି । ଏବେ ତୁମକୁ ଆଉ କୌଣସି କଥା ପାଇଁ ଚିନ୍ତା କରିବାକୁ ପଡ଼ିବନି ।
ପୁଅରେ, ମୁଁ ତୋ ପାଇଁ ଖୁବ୍ ଗର୍ବିତ ।
ଆଜିକାଲି ଇସମାଇଲ ଅନ୍ୟ ଚାଷୀମାନଙ୍କୁ ବି ନୂଆ ନୂଆ ପଦ୍ଧତି ଅବଲମ୍ବନରେ ସହାୟତା କରୁଛନ୍ତି ଏବଂ ସେମାନଙ୍କ ଚାଷକାମକୁ ଲାଭଜନକ କରାଇଛନ୍ତି ।
ଚାଷୀମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଦିଗରେ ଇସମାଇଲଙ୍କ ଉଦ୍ୟମକୁ ପ୍ରଧାନ ମନ୍ତ୍ରୀ ମୋଦି ତାଙ୍କ ରେଡିଓ କାର୍ଯ୍ୟକ୍ରମରେ ପ୍ରଶଂସା କରିଥିଲେ ।

# ତୋଙ୍ଗବ୍ରମ ବିଜିୟାଶାନ୍ତି




*ମଣିପୁରର ବିଷ୍ଣୁପୁରରେ ଏକ ମଧୁର ଜଳ ହ୍ରଦ


ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏକ ଶିଳ୍ପୋଦ୍ୟୋଗୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଜିୟାଶାନ୍ତି ଯୋଗ ଦେଲେ ।
ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଏକ ଶିଳ୍ପୋଦ୍ୟୋଗୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଜିୟାଶାନ୍ତି ଯୋଗ ଦେଲେ ।
ନୂତନ ଜ୍ଞାନ ଆହରଣ ସହିତ, 2018ରେ ବିଜିୟାଶାନ୍ତି ପଦ୍ମଫୁଲ ନାଡ଼ରୁ ତନ୍ତୁ ବାହାର କରି ସେଥିରୁ ସୂତା କରିବା ଆରମ୍ଭ କଲେ ।
ଆସ, ମୁଁ ତୁମକୁ ବି ଏହା କେମିତି କରିବାକୁ ହୁଏ ଶିଖାଇବି ।
ପ୍ରଥମେ, ସେ ସ୍ଥାନୀୟ ମହିଳାଙ୍କର ଦଶ ଜଣିଆ ଗୋଷ୍ଠୀକୁ ନେଇ କାମ ଆରମ୍ଭ କଲେ ।
ଏହାପରେ ସେ 'ସାନାଜିଙ୍ଗ ସାନା ଥାମ୍ବଲ' ନାମକ ଏକ ଉଦ୍ୟୋଗ ଆରମ୍ଭ କଲେ ଏବଂ ତାଙ୍କ ଗାଁର ଅନ୍ୟ ମହିଳାମାନଙ୍କୁ ଏହି ପଦ୍ଧତି ଶିଖାଇଲେ ।
ପ୍ରଥମେ. ଆମେ ପଦ୍ମ ନାଡ଼କୁ ଭାଙ୍ଗି ସେଥିରୁ ତନ୍ତ ବାହାର କରିଆଣିବା ।
ତା'ପରେ ଆମ ହାତପାପୁଲି ଓ କାଠପଟା ବ୍ୟବହାର କରି ଏହି ତନ୍ତକୁ ବଳିଦେବା ।
ଏଥିରୁ ଆମେ ଯେଉଁ ସୂତା ବାହାର କରୁ ତାହା ତନ୍ତରେ ବୁଣାହୁଏ ।




*ସମଗ୍ର ମଣିପୁରରେ ଶିଳ୍ପୋଦ୍ୟୋଗ ଏବଂ ନୂତନ ପଦ୍ଧତିର ବିକାଶ ଲାଗି ଏକ ସରକାରୀ ଯୋଜନା

# କଳ୍ପନା




*ଉତ୍ତରାଖଣ୍ଡରେ




*କର୍ଣ୍ଣାଟକର ଗୋଟିଏ ସହର




*ସେକେଣ୍ଡାରୀ ସ୍କୁଲ ଲିଭିଂ ସାର୍ଟିଫିକେଟ୍, 10ମ ଶ୍ରେଣୀ ପରୀକ୍ଷା ପାସ୍ କରିବା ପରେ ମିଳିଥାଏ

^ ଇଣ୍ଡିଆନ ଆଡମିନିଷ୍ଟ୍ରେଟିଭ୍ ସର୍ଭିସ୍

# ଏ-ପରିସରା




*ଗୋଟିଏ ଧାତୁ ଉପରେ ଅନ୍ୟ ଧାତୁର ପ୍ରଲେପ ଦେବା ପ୍ରକ୍ରିୟା


ଯେହେତୁ ସେମାନେ ଏଥିରୁ ଏହି ସବୁ ଧାତୁ ବାହାର କରିବାର ସଠିକ ଉପାୟ ଜାଣିନାହାନ୍ତି, ସେମାନେ ଏଗୁଡ଼ିକୁ ଭାଙ୍ଗି ଦିଅନ୍ତି ଏବଂ ତା'ପରେ, ହୁଏତ ବଳକା ଜିନିଷକୁ ଜାଳି ଦିଅନ୍ତି କିମ୍ବା ଜଳାଶୟ ଭିତରକୁ ଫିଙ୍ଗି ଦିଅନ୍ତି ।
ଏହା ଫଳରେ ସେଥିରୁ ପାରଦ ଏବଂ ଶିଶା ଭଳି ଅତି ବିଷାକ୍ତ ରାସାୟନିକ ଦ୍ରବ୍ୟ ବାହାରି ପାଣିରେ କିମ୍ବା ବାତାବରଣରେ ମିଶିଥାଏ। ଆମେ ସେହି ପବନରେ ଶ୍ୱାସକ୍ରିୟା କରୁଛୁ ଏବଂ ସେହି ପାଣିକୁ ପିଉଛୁ !
ଇ-ୱେଷ୍ଟ ପରିବେଶକୁ ପ୍ରଦୂଷିତ ଏବଂ ବିଷାକ୍ତ କରିପାରେ ବୋଲି ମୁଁ ଜାଣି ନଥିଲି!
ଏହା କରେ । ଇ-ୱେଷ୍ଟ ସୃଷ୍ଟି କରିବାରେ ଭାରତ ପୃଥିବୀରେ ତୃତୀୟ ସ୍ଥାନରେ ରହିଛି, କିନ୍ତୁ ଉପଯୁକ୍ତ ଭାବରେ ଏହାକୁ ନଷ୍ଟ କରିବା ଦିଗରେ କେହି ସଚେତନ ନୁହଁନ୍ତି ।
2005ରେ, ପାର୍ଥସାରଥି ଇ-ପରିସରା ନାଁରେ ଗୋଟିଏ ଇ-ୱେଷ୍ଟ ରିସାଇକ୍ଲିଂ କମ୍ପାନୀ ଖୋଲିଲେ ।
ଆମେ ବିପଜ୍ଜନକ ପଦାର୍ଥକୁ ଅଲଗା କରିବା, କାଚ, ଧାତୁ ଓ ପ୍ଲାଷ୍ଟିକ୍ ଭଳି ପଦାର୍ଥକୁ ପୃଥକ୍ ପୃଥକ୍ କରି ରଖିବା, ଏବଂ ତା'ପରେ ଯାହାର କରିପାରିବା ତାହାର ରିସାଇକ୍ଲିଂ କରିବା ।
E-Parisaraa Pvt.Ltd


ଖୁବ୍ ଶୀଘ୍ର ଏଭଳି କରିବା ଲାଗି ସରଳ, ନିରାପଦ ଏବଂ ପରିବେଶ ଉପଯୋଗୀ ପଦ୍ଧତି ବାହାର କଲା ଇ-ପରିସରା ।
ସାର୍ ଦେଖନ୍ତୁ, ଆମେ ଲିଥିୟମ୍ ବ୍ୟାଟେରିରୁ ଆଲୁମିନିୟମ ଏବଂ ତମ୍ବା ବାହାର କରିପାରିଛୁ ।
ଆମେ ମଧ୍ୟ ପୁରୁଣା କମ୍ପ୍ୟୁଟରର ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡରୁ ମୂଲ୍ୟବାନ୍ ଧାତୁକୁ ଅଲଗା କରିବାର ଉପାୟ ଖୋଜି ପାଇଛୁ ।
ତାହା ବି ବିନା କୌଣସି ପ୍ରଦୂଷଣରେ! ମୁଁ ତୁମମାନଙ୍କ ପାଇଁ ଗର୍ବିତ ।
ଇ-ୱେଷ୍ଟ ରିସାଇକ୍ଲର ଭାବରେ ଉଭୟ କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାଖରୁ ଅନୁମୋଦନ ପାଇବାରେ ଇ-ପରିସରା ପ୍ରଥମ କମ୍ପାନୀ ହେଲା।
ଏଥିରୁ ବାହାର କରାଯାଉଥିବା ଧାତୁକୁ ପ୍ଲେଟ୍ ଅଳଙ୍କାର, ପେନ୍ ଏବଂ ଅନ୍ୟ ସାମଗ୍ରୀରେ ବ୍ୟବହାର କରାଗଲା ।
ଏତେ ସୁନ୍ଦର !
2010ରେ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଜାତୀୟ ପୁରସ୍କାର ପ୍ରଦାନ ସମାରୋହରେ ଇ-ପରିସରାକୁ ପ୍ରଥମ ପୁରସ୍କାର ଦିଆଗଲା ।
MICRO, SMALL & MEDIUM ENTERPRISES
CHIEF GUEST
SMT. PRATIBHA DEVI SINGH
ପରେ ପରେ ଅନ୍ୟ କେତେକ ପୁରସ୍କାର ଓ ସ୍ୱୀକୃତି ମିଳିଲା । 2023 ୯ରେ 'ମନ୍ କୀ ବାତ୍'ରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କ ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କଲେ।
ଇ-ୱେଷ୍ଟ ରିସାଇକ୍ଲିଂ ପାଇଁ ଆମେ ଆହୁରି ଭଲ ଉପାୟ ବାହାର କରିବୁ । ଆପଣଙ୍କର ଇ-ୱେଷ୍ଟକୁ କେବଳ ସଂଗ୍ରହ କେନ୍ଦ୍ରରେ ଜମା ଦେଇ ଆପଣ ମଧ୍ୟ ଏଥିରେ ସହାୟତା କରିପାରିବେ । ଯାହା ଫଳରେ ପରିବେଶ ପ୍ରଦୂଷଣ ବିନା ସେଗୁଡ଼ିକୁ ରିସାଇକ୍ଲ କରାଯାଇପାରିବ ।

# ବବିତା ରାଜପୁତ


ଗ୍ରୀଷ୍ମ ଅବକାଶ ସରିଯାଇଥିଲା, ଏବଂ ଏହା ଥିଲା ସ୍କୁଲରେ ପ୍ରଥମ ଦିନ ।
ତୁମ ଛୁଟି କେମିତି କଟିଲା, ପୂଜା?
ଆଉ ପଚାରନି ଶ୍ରେୟାସ। ଆମ ଅଞ୍ଚଳରେ ଖରାଦିନ ଯାକ ପାଣି କାଟ୍ ହେଉଥିଲା ।
ହଁ, ଆମର ବି ! ସେଥିପାଇଁ ଆମ ପରିବାର କିଛି ଦିନ ପାଇଁ ମୋ ଦାଦାଙ୍କ ଘରେ ରହିବାକୁ ଯାଇଥିଲେ ।
ହେଲେ ଦୀନେଶ, ବର୍ଷ ସାରା ପାଣିର ଅଭାବ ଲାଗି ରହିଥିବା ଅଞ୍ଚଳର ଲୋକଙ୍କ କଥା କେବେ ଭାବିଛ କି ?
ଆଜି ମୁଁ ତୁମମାନଙ୍କୁ ଜଣେ ଛୋଟ ଝିଅ ସଂପର୍କରେ 'ମନ୍ କୀ ବାତ୍'ର କାହାଣୀ ଶୁଣାଇବି। ଝିଅଟି ତୁମମାନଙ୍କଠାରୁ ବେଶୀ ବଡ଼ ନୁହେଁ ଏବଂ ତାଙ୍କ ଗାଁକୁ ପାଣି ଆଣିବା ଲାଗି ତାକୁ ପାହାଡ଼ ଭିତର ଦେଇ ଖୋଳିବାକୁ ପଡ଼ିଥିଲା ।
ମଧ୍ୟ ପ୍ରଦେଶର ଛତରପୁର ଜିଲ୍ଲାର ଅଗରୋଠା ଗାଁ –
ଗତ ଦୁଇ ବର୍ଷ ହେଲା ଆମର ଏଠାରେ ବର୍ଷା ପ୍ରାୟ ହୋଇନାହିଁ । ସବୁଦିନ, ଆମର ଅଧା ସମୟ ପାଣି ଆଣିବାକୁ ଚାଲି ଚାଲି ଯିବାଆସିବାରେ ଲାଗିଯାଏ ।
ମୋ ପିଲାମାନେ ଆଉ ସ୍କୁଲକୁ ଯାଇପାରୁନାହାନ୍ତି, କାରଣ ପାଣି ଆଣିବା ଲାଗି ମୋର ସାହାଯ୍ୟ ଦରକାର ହେଉଛି। ଏମିତି ଆଉ ଚଳି ହେବନାହିଁ ।
19 ବର୍ଷୀୟା ବବିତା ଗଭୀର ଚିନ୍ତାରେ ପଡ଼ିଗଲେ ।
ଆମର ଗୋଟିଏ ୭0 ଏକରର ହ୍ରଦ ଅଛି । ହେଲେ ବର୍ଷା ଅଭାବରୁ ଏହା ଶୁଖିଲା ପଡ଼ିଛି। ନିଜର ମୌଳିକ ଆବଶ୍ୟକତା ଲାଗି ମହିଳାମାନେ ପାଣି ପାଇବାକୁ ସଂଘର୍ଷ କରୁଛନ୍ତି । ଗାଁର ମୁରବୀମାନେ ବି କୌଣସି ପଦକ୍ଷେପ ନେଉନାହାନ୍ତି ।


ଏହି ସମସ୍ୟା ସଂପର୍କରେ ଆଲୋଚନା ଲାଗି ଦିନେ ଗାଁର ସବୁ ମହିଳା ଏକାଠି ହେଲେ ।
ହ୍ରଦରେ ପାଣି ଭରିବା ଲାଗି ଆମେ ଏକ ଉପାୟ ଖୋଜିବା ଦରକାର । ପାଖ କେନାଲ ପାଣିକୁ କାହିଁକି ବ୍ୟବହାର କରିବାନି?
କେନାଲ ପାହାଡ଼ ଆରପଟେ ଅଛି, ବବିତା । ତାକୁ ଆଣିବାକୁ ହେଲେ ପାହାଡ଼ ଭିତର ଦେଇ ଖୋଳିବାକୁ ପଡ଼ିବ ।
ବାସ୍ତବରେ ଏହା ଏକ କଷ୍ଟକର କାମ ହେବ। କିନ୍ତୁ ସବୁଦିନ ଘଣ୍ଟା ଘଣ୍ଟା ଧରି ଚାଲିବା ଅପେକ୍ଷା ଭଲ ହେବନି କି?
ପାହାଡ଼ ସରକାରଙ୍କର । ଏଥିରେ ଏକ ରାସ୍ତା ଖୋଳିବାକୁ ସ୍ଥିର କଲେ ବି ଜଙ୍ଗଲ ବିଭାଗର ଅନୁମତି ବିନା ଆମେ ଏହା କରିପାରିବାନି ।
କେନାଲ ପାଣିକୁ ହ୍ରଦରେ ପହଞ୍ଚାଇବା ଲାଗି ପାହାଡ଼ରେ ସୁଡ଼ଙ୍ଗ ଖୋଳିବାକୁ ଆବଶ୍ୟକ ଅନୁମତି ହାସଲ ପାଇଁ ବବିତାଙ୍କ ନେତୃତ୍ୱରେ ମହିଳାମାନେ ସ୍ଥିର କଲେ ।
ହେଲେ, କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରାଜି କରାଇବା ମହିଳାମାନଙ୍କ କଳ୍ପନାଠାରୁ କଷ୍ଟକର ଥିଲା ।
ସୌଭାଗ୍ୟବଶତଃ, ପରମାର୍ଥ ସମାଜ ସେବୀ ସଂସ୍ଥା ନାମକ ଏକ ବେସରକାରୀ ସଂଗଠନର ସଦସ୍ୟମାନେ ଗାଁ ଗସ୍ତରେ ଆସିଲେ ।
ମ୍ୟାଡାମ୍, ମହିଳାମାନେ ପାହାଡ଼ ଭିତର ଦେଇ ଖୋଳିବାକୁ ପ୍ରସ୍ତୁତ । କିନ୍ତୁ ଗାଁର ମୁରବୀମାନେ ଏବଂ ଜଙ୍ଗଲ କର୍ତ୍ତୃପକ୍ଷ ସମସ୍ୟା ସୃଷ୍ଟି କରୁଛନ୍ତି ।
ଆପଣମାନେ ପ୍ରବଳ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛନ୍ତି । କାଗଜପତ୍ର କାମ କରି ଅନୁମତି ପାଇବା ଦିଗରେ ଆମେ ଆପଣମାନଙ୍କୁ ସାହାଯ୍ୟ କରିବୁ ।




*ଜଳର ବାନ୍ଧବୀ, ସେହି ପ୍ରକଳ୍ପରେ କାମ କରୁଥିବା ମହିଳାଙ୍କ ଗୋଷ୍ଠୀର ନାଁ ।

# ଶର୍ମିଳା ଓସୱାଲ




*ମାଣ୍ଡିଆ ଗୁଳା
^ ବାଜରାରୁ ତିଆରି ରୁଟି

** ବାଜରା
^^ମହାରାଷ୍ଟ୍ର କୋଙ୍କଣ ଅଞ୍ଚଳର ଏକ ଗାଁ




*ଖୁଡ଼ି, ବୟସ୍କା ମହିଳାମାନଙ୍କୁ ସମ୍ମାନସୂଚକ ସମ୍ବୋଧନ ପାଇଁ ମଧ୍ୟ ପ୍ରୟୋଗ କରାଯାଏ ।













*ଯୁକ୍ତରାଷ୍ଟ୍ର ଆମେରିକାର ଏକ ସମ୍ମାନଜନକ ବିଶ୍ୱବିଦ୍ୟାଳୟ

^ ସୁକ୍ଷ୍ମ ଜଳ ବଣ୍ଟନ

# ବିଜୟ କୁମାର କବି




*ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣି ପାଣିରେ ବଢୁଥିବା ବୁଦା ଓ ଗଛର ବଣ

^ଘଣ୍ଟା ପ୍ରତି 250 କିଲୋମିଟରରୁ ଅଧିକ ବେଗରେ ପବନ ସହିତ ଏକ ପ୍ରଚଣ୍ଡ ବାତ୍ୟା




* କୌଣସି ଗଛ ନ ଥାଇ ଖାଲି ପଡ଼ିଥିବା ଅବ୍ୟବହୃତ ଜମି

^ ଭାରତରେ ପରିବେଶ ସୁରକ୍ଷା ଦିଗରେ ସହଯୋଗ କରୁଥିବା ଏକ ସଂଗଠନ




* ବୃକ୍ଷରୋପଣ ସ୍ଥାନର କଡ଼େ କଡ଼େ ପାଣି ପାଇଁ ଥିବା ଛୋଟ ନାଳ

# ସିଲୁ ନାୟକ




*ଓଡ଼ିଶାରେ

^ସ୍ଥଳସେନା, ବାୟୁସେନା ଏବଂ ନୌସେନା




*ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସେସ

^ଓଡ଼ିଶାର ଏକ ସହର




* ଅର୍ଦ୍ଧ ସାମରିକ ବାହିନୀ, ସୀମା ସୁରକ୍ଷା ବଳ, ଏବଂ ଆଉ ଅନେକଙ୍କ ସମେତ ସେନା ବାହିନୀ




*ଏକ ସାମାଜିକ ଉଦ୍ୟୋଗ କ୍ଲବ୍

^ କେରଳର ଏକ ସହର




*ପରିବେଶ-ଉପଯୋଗୀ ଏବଂ ଦୀର୍ଘସ୍ଥାୟୀ

^ କଣ୍ଢେଇ ବାକ୍ସ
















*ଏକ ଗ୍ରାମ୍ୟ ଶିଶୁ ସେବା କେନ୍ଦ୍ର

^ ଏକ ଦାରିଦ୍ର୍ୟ ଦୂରୀକରଣ ଏବଂ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ

** ଛଅ ବର୍ଷ ବୟସରୁ କମ୍ ଶିଶୁ ଓ ସେମାନଙ୍କ ମାଆମାନଙ୍କ ଲାଗି ଏକ କଲ୍ୟାଣକାରୀ କାର୍ଯ୍ୟକ୍ରମ

# କମଳା ମହାରଣା



ଖେଳଛୁଟି ହୋଇଥିଲା ଏବଂ ସବୁ ପିଲା ଖେଳରେ ବ୍ୟସ୍ତ ଥିଲେ, କେବଳ ପୂଜା ବ୍ୟତୀତ ।
ତୁମେ ଏଗୁଡ଼ିକ କାହିଁକି ସଂଗ୍ରହ କରୁଛ, ପୂଜା?
ମୁଁ ଭାବିଲି, ସେଗୁଡ଼ିକୁ ଅଠାରେ ଯୋଡ଼ି ମୁଁ ଏକ ଆକର୍ଷଣୀୟ ସ୍ଥାପତ୍ୟ କରିବି ।
ସେଇଟା ଖୁବ୍ ଭଲ ଭାବନା । ଆଜି ଶ୍ରେଣୀରେ ମୁଁ ତୁମମାନଙ୍କୁ ଆଉ ଜଣେ ସୃଜନଶୀଳ ବ୍ୟକ୍ତି, ଓଡ଼ିଶାର କମଳା ମହାରଣା ନାମ୍ନୀ ଝିଅର କାହାଣୀ କହିବି, ଯେ କି ଫିଙ୍ଗି ଦିଆଯାଇଥିବା କାଗଜ ଓ ପ୍ଲାଷ୍ଟିକ୍‌କୁ ଚମତ୍କାର କଳାକୃତୀରେ ପରିଣତ କରିଛନ୍ତି ।
କମଳା ମହାରଣାଙ୍କର ଏକ ଅଦ୍ଭୁତ ରୁଚି ଥିଲା...
ତୁମେ ଏଗୁଡ଼ାକ କାହିଁକି ସଂଗ୍ରହ କରୁଛ, ମା' ?
ଚିନ୍ତା କରନ୍ତୁନି, ମୁଁ ସେଗୁଡ଼ିକୁ ଭଲ କାମରେ ଲଗାଇବି ।
... କିମ୍ବା ଅନ୍ତତଃ ଏହା ଅଧିକାଂଶ ଲୋକଙ୍କୁ ଅଦ୍ଭୁତ ବୋଲି ଲାଗୁଥିଲା ।
କମଳା, ତୁମେ କାହିଁକି ଏହି ଅଳିଆ କାଗଜ ଓ ପ୍ଲାଷ୍ଟିକ୍ ସଂଗ୍ରହ କରୁଛ ?
ଏହା ତିଆରି କରିବାକୁ ।
ଏହି ଝୁଡ଼ିଟି ସୁନ୍ଦର । ତୁମେ ଏହାକୁ ଅଳିଆରୁ ତିଆରି କଲ ବୋଲି ମୁଁ ବିଶ୍ୱାସ କରିପାରୁନି। ସତେ, ମୁଁ ବି ଯଦି ଏମିତି ଜିନିଷ କରିପାରୁଥାଆନ୍ତି !


ପଡ଼ୋଶୀଙ୍କ କଥା କମଳାଙ୍କ ମନରେ ରହିଗଲା । ତା' ପରଦିନ –
ତୁମେ ଯଦି ଆଗ୍ରହୀ, ମୁଁ ତୁମକୁ ଏବଂ ଅନ୍ୟମାନଙ୍କୁ କେମିତି ଫିଙ୍ଗି ଦିଆଯାଇଥିବା ଜିନିଷରୁ ଝୁଡ଼ି ଓ ଅନ୍ୟ ସାମଗ୍ରୀ ତିଆରି କରିବାକୁ ହୁଏ ତାହା ଶିଖାଇ ଦେବି । ଏହା ଆୟର ଏକ ଉତ୍ସ ବି ହୋଇପାରିବ ।
ତାହା ଅତି ଚମତ୍କାର କଥା! ମୁଁ ଏହା ଶିଖିବାକୁ ଚାହିଁବି ।
ଅବିଳମ୍ବେ ମହିଳାମାନଙ୍କର ଏକ ଗୋଷ୍ଠୀ ଏହି କୌଶଳ ଶିଖିବା ଲାଗି କମଳାଙ୍କ ପାଖକୁ ଆସିଲେ ।
ପ୍ରଥମେ, ଆମେ ସବୁ ପ୍ରକାର ଫିଙ୍ଗି ଦିଆଯାଇଥିବା ପ୍ଲାଷ୍ଟିକ୍ ଓ କାଗଜକୁ ସଂଗ୍ରହ କରି ସେଥିରୁ ରାପର୍, କ୍ଷୀର ପ୍ୟାକେଟ୍ ଏବଂ ପ୍ଲାଷ୍ଟିକ୍ କଭର ସବୁକୁ ଏମିତି ଅଲଗା ଅଲଗା କରିବା ।
"ପରେ, ଆମେ ଏଗୁଡ଼ିକୁ ଭଲ ଭାବରେ ଧୋଇ ଶୁଖାଇ ଦେଉ...
"...ତା'ପରେ, ଆମେ ସେଗୁଡ଼ିକୁ ପତଳା ପଟିରେ କାଟି ଦେଉ....
"... ଏବଂ ଶେଷରେ, ଆମେ ଏଗୁଡ଼ିକୁ ଏକାଠି କରି ବୁଣି ସୁନ୍ଦର ଝୁଡ଼ିଟିଏ ତିଆରି କରୁ ।"
ଏହି ମହିଳାମାନେ, ଝୁଡ଼ି ସହିତ ପେନ୍ ଷ୍ଟାଣ୍ଡ, ମୋବାଇଲ ଫୋନ୍ ଷ୍ଟାଣ୍ଡ, ଫୁଲଦାନି, ହାତ ପଙ୍ଖା ଏବଂ କାନ୍ଥରୁ ଝୁଲୁଥିବା ଚିତ୍ର ପ୍ରଭୃତି ଏହି ସବୁ ବର୍ଜ୍ୟବସ୍ତୁରୁ ତିଆରି କରିବା ଆରମ୍ଭ କଲେ ।
ଦିନେ –
ଆସନ୍ତା ମାସରେ ଏଠାରେ ଗୋଟିଏ ମେଳା* ଲାଗିବ । ଆମେ ଆମ ଉତ୍ପାଦକୁ ସେଇଠି ବିକିବାକୁ ଚେଷ୍ଟା କରିବା ।
କମଳା ଓ ତାଙ୍କ ଟିମ୍ ଏହି ମେଳାରୁ ଭଲ ଲାଭ ପାଇଲେ ।

*ମେଳା


ଅତି ଶୀଘ୍ର, ସେମାନେ ନିଜ ଉତ୍ପାଦକୁ ସେମାନଙ୍କର ଏବଂ ବିଭିନ୍ନ ପଡ଼ୋଶୀ ଗାଁର ଲୋକଙ୍କୁ ନିୟମିତ ଭାବରେ ବିକ୍ରି କରିବା ଆରମ୍ଭ କଲେ ।
ଆର ମାସରେ ମୋ ଝିଆରୀର ବାହାଘର । ମୋତେ ଏମିତିକା 20ଟି ଝୁଡ଼ି ମିଳିବ କି ?
ଅବଶ୍ୟ, ଦୁଇ ସପ୍ତାହ ଭିତରେ ସେ ସବୁ ପ୍ରସ୍ତୁତ ହୋଇଯିବ।
ଯେତେବେଳେ ସ୍ଥାନୀୟ ପ୍ରଶାସନ ଏହି ଗୋଷ୍ଠୀ ସଂପର୍କରେ ଶୁଣିଲେ –
କମଳା, ଏହି ସବୁ ଦୀର୍ଘସ୍ଥାୟୀ ସାମଗ୍ରୀ ତିଆରି ଏବଂ ବିକ୍ରି କରି ତୁମ ଗୋଷ୍ଠୀ ଗୋଟିଏ ଖୁବ୍ ଭଲ କାମ କରୁଛି। ଯଦି ତୁମ ସ୍ୱୟଂସହାୟିକା ଗୋଷ୍ଠୀର କୌଣସି ନାଁ ଅଛି, ତେବେ ଏହାକୁ ପାଣ୍ଠି ମିଳିପାରିବ ।
ଆମେ ଆମ ଗୋଷ୍ଠୀକୁ ମା' ଥାନପତି ବୋଲି କହିବୁ ।
ପ୍ରଶାସନ ସହାୟତାରେ, ମା' ଥାନପତି ସାରା ଓଡ଼ିଶାର ବିଭିନ୍ନ ଶିଳ୍ପମେଳାରେ ଏହାର ସାମଗ୍ରୀ ବିକ୍ରି କରେ ।
କମଳା ଦିଦିଙ୍କୁ ଧନ୍ୟବାଦ, ମୁଁ ମାସକୁ ପ୍ରାୟ 6,000 ଟଙ୍କା ରୋଜଗାର କରୁଛି ।
ହଁ, ମୁଁ ନିଜେ ରୋଜଗାର କରିପାରିବି ବୋଲି କେବେ ଭାବି ନଥିଲି ।
ଏବେ ମା' ଥାନପତି ଗାଁରେ 28ରୁ 63 ବର୍ଷ ବୟସର 40 ଜଣ ମହିଳାଙ୍କୁ ଜୀବିକା ଯୋଗାଇଛି ।
ଏହି କାର୍ଯ୍ୟକ୍ରମ ଅନ୍ୟ ଗାଁରେ ମଧ୍ୟ କାର୍ଯ୍ୟକାରୀ ହେଲେ ଅନେକ ମହିଳାଙ୍କୁ ଜୀବିକାର ଉତ୍ସ ମିଳିପାରିବ ବୋଲି କମଳା ଆଶା କରନ୍ତି ।



# ମନ୍ କୀ ବାତ୍

## ଭାଗ.6

ପ୍ରଧାନ ମନ୍ତ୍ରୀଙ୍କ ରେଡିଓ କାର୍ଯ୍ୟକ୍ରମ ଭିତ୍ତିରେ 'ମନ୍ କୀ ବାତ୍'ର ଷଷ୍ଠ ଭାଗ ସାରା ଦେଶରୁ ଅବିଶ୍ୱସନୀୟ କାହାଣୀ ସବୁ ଆଣି ଆମ ପାଖରେ ପହଞ୍ଚାଏ ।

ଶେଷରେ ଉତ୍ତରାଖଣ୍ଡର ଦୃଷ୍ଟିହୀନ ଛାତ୍ରୀ କଳ୍ପନାଙ୍କୁ ତାଙ୍କୁ ସହାୟତା କରିବା ଭଳି ସମ୍ବଳ ସଂପନ୍ନ ସ୍କୁଲଟିଏ ମିଳେ । ବଡ଼କଥା ହେଲା- ସେଠାରେ କନ୍ନଡ଼ ମାଧ୍ୟମରେ ପାଠ ପଢ଼ାଯାଏ । ତିନି ମାସ ଭିତରେ କଳ୍ପନା ଯେ କେବଳ ଗୋଟିଏ ନୂଆ ଭାଷା ଶିଖନ୍ତି ତାହା ନୁହେଁ, ବରଂ ସେ ଏଥିରେ ୨2 ମାର୍କ ମଧ୍ୟ ରଖନ୍ତି ।

ତୋଙ୍ଗବ୍ରମ ବିଜିୟାଶାନ୍ତି, ମଣିପୁରର ଜଣେ ମହିଳା ଉଦ୍ୟୋଗୀ, ପଦ୍ମଫୁଲ ପ୍ରତି ତାଙ୍କର ପ୍ରେମକୁ ଏକ ସଫଳ ବ୍ୟବସାୟର ରୂପ ଦିଅନ୍ତି । ସେ ପଦ୍ମନାଡ଼ରୁ ତନ୍ତୁ ସଂଗ୍ରହ କରି ସେଗୁଡ଼ିକୁ ବୁଣି ପଦ୍ମ ରେଶମ ଭଳି ଦୀର୍ଘସ୍ଥାୟୀ ତଥା ସୁନ୍ଦର ତନ୍ତସୂତା ସୃଷ୍ଟି କରନ୍ତି ।

ଗୁଜରାଟର ଏକ ଚାଷୀ ପରିବାରରେ ଜନ୍ମ ନେଇଥିବା ଇସମାଇଲଭାଇ ଶେରୁଙ୍କୁ ତାଙ୍କ ପରିବାର ଲୋକେ ସେମାନଙ୍କ ପଦଚିହ୍ନ ଅନୁସରଣ ନ କରିବାକୁ ପରାମର୍ଶ ଦିଅନ୍ତି । ହେଲେ ଚାଷ ପ୍ରତି ତାଙ୍କର ଆବେଗ ଲାଗି ରହେ । ଆଜି ସେ ଏଭଳି ଜଣେ ଚାଷୀ ଯେ, ତାଙ୍କର ଉଚ୍ଚ ଗୁଣମାନର ଫସଲ ଏବଂ ଅଭିନବ ଚାଷ ପଦ୍ଧତି ତାଙ୍କ ବନ୍ଧୁମାନଙ୍କୁ ପ୍ରେରଣା ଯୋଗାଏ ।

ଦଶଟି କାହାଣୀର ଏହି ସମାହାରରୁ ପ୍ରମାଣିତ ହୁଏ ଯେ ଆପଣ ଯେଉଁଠାରୁ ଆସିଥାଆନ୍ତୁ ନା କାହିଁକି, ସଫଳତା ସବୁବେଳେ ଅର୍ଜନଯୋଗ୍ୟ ।



₹99

www.amarchitrakatha.com
ISBN 978-81-966921-7-9